SAMBAD
ସମ୍ବାଦ

30th Jan, 2021

# ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଓପିଟିସିଏଲ୍ ଚେୟାର

ଭୁବନେଶ୍ୱର,୨୯/୧(ଇମିସ): ଆଇ.ଆଇ.ଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଓପିଟିସିଏଲ୍ ଚେୟାର୍। ଏ ନେଇ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ଓପିଟିସିଏଲ୍ ଏବଂ ଆଇ.ଆଇ.ଟି ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ

## ବୁଝାମଣାପତ୍ର ସ୍ୱାକ୍ଷରିତ

ମନ୍ତ୍ରୀ କହିଛନ୍ତି, ଆଜି ଓଡ଼ିଶାର ଶକ୍ତି କ୍ଷେତ୍ରରେ ଏକ ଐତିହାସିକ ଦିନ। ଆଇ.ଆଇ.ଟି ଭଳି ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ସହ ମିଶି ରାଜ୍ୟ ଶକ୍ତି କ୍ଷେତ୍ରର ବିକାଶ ପାଇଁ ଏହି ଚେୟାର ପ୍ରତିଷ୍ଠା ହେବାକୁ ଯାଉଛି। ଏହା ଉଭୟ ଶିକ୍ଷାବିତ ଓ ଶକ୍ତି କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଠପଢ଼ଣା ବ୍ୟତୀତ ରାଜ୍ୟର ବିକାଶ ଦିଗରେ ଆଇ.ଆଇ.ଟି ଭୁବନେଶ୍ୱରର ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓପିଟିସିଏଲ୍ ଅଧ୍ୟକ୍ଷ ସୌରଭ




ଗର୍ଗ, ଓପିଟିସିଏଲ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ସିଂ, ଆଇ.ଆଇ.ଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି ରାଜକୁମାର, ଗ୍ରିଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡାଙ୍କ ସମେତ ଓପିଟିସିଏଲ୍‌ର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।